# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**4 March - 2026**

# ଦୋଳପୂର୍ଣ୍ଣିମା-ଶ୍ରୀମନ୍ଦିର

ଦେଶବ୍ୟାପି ଆଜି ଆନନ୍ଦ ଉଲ୍ଲାସର ସହ ରଙ୍ଗ ତଥା ଭାଇଚାରର ପର୍ବ ହୋଲି ପାଳନ କରାଯାଉଛି । ଓଡ଼ିଶାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ପର୍ବ ଦୋଳ ପୂର୍ଣ୍ଣିମା ସହିତ ହୋଲିର ଅନନ୍ୟ ସମ୍ପର୍କ ରହିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହୋଲି ପର୍ବ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀମତୀ ମୁର୍ମୁ ତାଙ୍କ ବାର୍ତ୍ତାରେ କହିଛନ୍ତି, ଆନନ୍ଦର ପର୍ବ ହୋଲି ସମାଜରେ ଶାନ୍ତିର ବାର୍ତ୍ତା ପ୍ରଦାନ କରିଥାଏ । ହୋଲି ସାମାଜିକ ବନ୍ଧନକୁ ସୁଦୃଢ଼ କରି ସମସ୍ତଙ୍କ ମନରେ ଆଶାର ସଞ୍ଚାର କରିଥାଏ । ଏହି ପର୍ବ ବିବିଧତା ମଧ୍ୟରେ ଏକତାର ପ୍ରତୀକ ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ହୋଲି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତରଙ୍କର ମଙ୍ଗଳ କାମନା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ହୋଲିର ଶୁଭେଚ୍ଛା ଜଣାଇଛନ୍ତି । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିବା ସହ

ଭାଇଚାରା ଓ ସାମାଜିକ ସଦ୍‌ଭାବନାକୁ ଆହୁରି ସୁଦୃଢ କରୁ ବୋଲି କାମନା କରିଛନ୍ତି ।

ପୁରୀ ଶ୍ରୀମନ୍ଦିରରେ ଗତକାଲି ଦୋଳପୂର୍ଣ୍ଣିମା ନୀତି ସହ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା । ପରେ ଗୋପାଳବଲ୍ଲଭ ଓ ସକାଳ ଧୂପ ଶେଷ କରାଯାଇ ଭୋଗମଣ୍ଡପ ପୂଜା ସମ୍ପୂର୍ଣ୍ଣ ହୋଇଥିଲା ।    ବଡି ଭୋରରୁ ମହାପ୍ରଭୁଙ୍କ ସୁନାବେଶ ମଇଲମ୍ ସହ ମହାସ୍ନାନ ପୂଜା ପୂର୍ଣ୍ଣ ହୋଇଥିଲା ।

ହୋଲି ଏବଂ ହୋଲି ପରବର୍ତ୍ତୀ ସମୟରେ ଅଘଟଣକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ନଦୀଘାଟଗୁଡ଼ିକରେ ଅଗ୍ନିଶମ ବାହିନୀ କର୍ମଚାରୀମାନଙ୍କୁ ମୁତୟନ କରାଯାଇଥିବା ସମ୍ବାଦ ଆମର ହସ୍ତଗତ ହୋଇଛି । ଅଘଟଣକୁ ରୋକିବାପାଇଁ ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର  ବ୍ୟବସ୍ଥା କରାଯାଇଥିବା ପୁଲିସ କମିଶନର ଏସ. ଦେବଦତ୍ତ ସିଂ କହିଛନ୍ତି

**- V/O –**

# ନୂତନ ବିରଜା ପଞ୍ଜିକା ପାଠ

ଭଦ୍ରକର ଆଖଣ୍ଡଳମଣି ପୀଠରେ ଥିବା ଚଳନ୍ତି ପ୍ରତିମା ଶ୍ରୀ ଚନ୍ଦ୍ରଶେଖରଙ୍କୁ ଗତକାଲି ବିମାନରେ ନାଟମଣ୍ଡପକୁ ନିଆଯିବା ସହ  ନୂତନ ବିରଜା ପଞ୍ଜିକା ପାଠ କରାଯାଇଛି । ୮ଶହରୁ ଉର୍ଦ୍ଧ୍ୱ ଦୋଳବିମାନରେ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ନିଆଯାଇ ମେଳଣ ପଡିଆରେ ଏକତ୍ରିତ କରାଯାଇଥିଲା ।

ଜିଲ୍ଲାର ପ୍ରାଚୀନ ଚାନ୍ଦବାଲି ବ୍ଲକର ମଣ୍ଡୋ, କାଳିମଘା, ରାମଗଡ ଆଦି ସ୍ଥାନରେ ଦୋଳ ଉତ୍ସବ ପାଳିତ ହୋଇଯାଇଛି ।

# ୱେଷ୍ଟ ଏସିଆ ଫ୍ଲାଇଟ୍ସ୍

ପଶ୍ଚିମ ଏସିଆର କେତେକ ଅଞ୍ଚଳରେ ବୃଦ୍ଧି ପାଉଥିବା ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ବିମାନ ସେବା କମ୍ପାନୀଗୁଡ଼ିକ ପକ୍ଷରୁ ୧ ହଜାର ୨ ଶହରୁ ଅଧିକ ବିମାନ ଉଡ଼ାଣକୁ ବାତିଲ୍ କରାଯାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଅଟକି ରହିଥିବା ଯାତ୍ରୀଙ୍କ ଯାତାୟତକୁ ସହଜ କରିବାପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି । ଆବଶ୍ୟକସ୍ଥଳେ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଅତିରିକ୍ତ କ୍ଷମତା ଉପଯୋଗ ମାଧ୍ୟମରେ ଯାତ୍ରୀଙ୍କ ସହଜ ଯାତାୟତକୁ ସୁନିଶ୍ଚିତ କରୁଛନ୍ତି । ଆଜି ୫୮ଟି ଉଡ଼ାଣର ଯୋଜନା କରାଯାଇଥିବା ମନ୍ତ୍ରଣାଳୟ କହିଛି ।

## ରାଜ୍ୟସଭା ପ୍ରାର୍ଥୀ

ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରିଛି । ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ  ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସୁଜିତ କୁମାରଙ୍କୁ ପ୍ରାର୍ଥୀ କରାଯାଇଥିବା ନେଇ ଘୋଷଣା କରାଯାଇଛି । ସେହିଭଳି ବରିଷ୍ଠ ରାଜନେତା ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭା ନିର୍ବାଚନ ଲଢ଼ିବା ପାଇଁ ନିଜ ନାମ ଘୋଷଣା

କରିଛନ୍ତି। ଶ୍ରୀ ରାୟଙ୍କୁ ବିଜେପି ପୂର୍ଣ୍ଣ ସମର୍ଥନ ଦେବବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

ବିଜୁ ଜନତା ଦଳ ପକ୍ଷରୁ ପୂର୍ବରୁ ଦଳର ବରିଷ୍ଠ ନେତା ଡକ୍ଟର ସଂତୃପ୍ତ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ ଏବଂ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ସାଧାରଣ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।

## ସ୍ୱତନ୍ତ୍ର ଟ୍ରେନ

ସାଲିମାର-ଭଞ୍ଜପୁର ସ୍ୱତନ୍ତ୍ର ଟ୍ରେନ ବର୍ତ୍ତମାନ ନିୟମିତ ଭାବେ ଚଳାଚଳ କରିବ ବୋଲି ରେଳମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି ଟ୍ରେନକୁ ଜଳେଶ୍ୱର-ବସ୍ତା-ରୁପସା-ଜୁପୁରା-ବେତନଟୀ-କିଷ୍ଣଚନ୍ଦ୍ରପୁର-ଜାମସୋଲ-ବାରିପଦା ଦେଇ ଚଳାଚଳ କରିବ । ସେହିଭଳି ଚାର୍ଲାପାଲି-ସାଲିମାର-ଅମୃତଭାରତ ଏକ୍ସପ୍ରେସ, ବ୍ରହ୍ମପୁର-ଖୋର୍ଦ୍ଧାରୋଡ-ଭୁବନେଶ୍ୱର-କଟକ-ଯାଜପୁର-କେନ୍ଦୁଝର-ଭଦ୍ରକ ଏବଂ ବାଲେଶ୍ୱର ଦେଇ ଚଳାଚଳ କରିବ । ଭଞ୍ଜପୁର-ପୁରୀ ସ୍ୱତନ୍ତ୍ର ଟ୍ରେନ ଭଞ୍ଜପୁର-ପୁରୀ ଏକ୍ସପ୍ରେସ ମଧ୍ୟ ନିୟମିତ ଚଳାଚଳ କରିବ ।

# କଇଁଛଙ୍କ ଅଣ୍ଡାଦାନ

ଗଞ୍ଜାମର ଋଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ଗତକାଲିଠାରୁ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୪ଶହରୁ ଉର୍ଦ୍ଧ୍ୱ ଅଣ୍ଡାଦାନ ହୋଇଥିଲା । କଇଁଛଙ୍କ ଆଗମନକୁ ଦୃଷ୍ଟିରେ

ରଖି ବନବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ମାଛଧରା ଟ୍ରଲରଗୁଡିକୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଥିବାବେଳେ ବନ ସୁରକ୍ଷା କର୍ମଚାରୀଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି ।

## ଗ୍ରୀଷ୍ମପ୍ରବାହ

ରାଜ୍ୟରେ ଦିନର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ୨୦ଟି ସହରର ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଝାରସୁଗୁଡାଠାରେ ସର୍ବାଧିକ ତାପମାତ୍ରା ୩୯ଡିଗ୍ରୀ ରହିଥିଲା । ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।